# ORIYA

## PAPER—II

**Note :** This paper contains **fifty** (50) objective-type questions, each question carrying **two** (2) marks. Attempt all of them.

ଏହି ପତ୍ରରେ ପଚାଶ (50) ଗୋଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦୁଇ (2) । ସବୁ ପ୍ରଶ୍ନର ଉତ୍ତର ଦିଅ ।

1. ଭାରତୀୟ ସମ୍ବିଧାନର ୮ମ ନିର୍ଦ୍ଧାରଣ (8th Schedule) ଅନୁସାରେ ନିକଟରେ ସ୍ୱୀକୃତି ପାଇଥିବା ଆଦିଭାଷୀ ଭାଷା-

   (A) ଖାସି (B) ଗାରୋ
   (C) ଟୁଲୁ (D) ସାନ୍ତାଳି

2. ଓଡ଼ିଆ ଭାଷାରେ ପ୍ରାଚୀନ ଶିଳାଲେଖ କେଉଁଟି ?

   (A) ଉରଜାମ (B) ହାତୀଗୁମ୍ଫା
   (C) ନୃସିଂହନାଥ (D) ଜୟବିଜୟ

3. ଆସ୍ତୁର ଶବ୍ଦଟି କେଉଁ ପ୍ରକାର ଶବ୍ଦ ?

   (A) ଦ୍ରାବିଡ଼ (B) ବୈଦେଶିକ
   (C) ଦେଶଜ (D) ତତ୍ସମ

4. 'ଛଉ' ଓଡ଼ିଶାର କେଉଁ ଅଞ୍ଚଳର ଲୋକନୃତ୍ୟ ?

   (A) କୋରାପୁଟ (B) ଖଡ଼ିଆଳ
   (C) ମୟୂରଭଞ୍ଜ (D) ସମ୍ବଲପୁର

www.examrace.com

5. 'ଉତ୍କଳ ଗାଉଁଲି ଗୀତ'ର ସଂଗ୍ରାହକ କିଏ ?

(A) କୁଞ୍ଜବିହାରୀ ଦାଶ (B) ପୀତାମ୍ବରୀ ଦେବୀ

(C) ଗୋପାଳ ପ୍ରହରାଜ (D) ଚକ୍ରଧର ମହାପାତ୍ର

6. 'ନୃସିଂହ ପୁରାଣ' କେଉଁ ଧର୍ମ ଆଧାରିତ ରଚନା ?

(A) ଶାକ୍ତ (B) ବୈଷ୍ଣବ

(C) ଶୈବ (D) ବୌଦ୍ଧ

7. 'ଓଡିଶାର ମହିମା ଧର୍ମ' ଗ୍ରନ୍ଥର ଲେଖକ କିଏ ?

(A) ନରେନ୍ଦ୍ରନାଥ ମିଶ୍ର (B) ଗୋଲକଗୋବିନ୍ଦ ଶାସ୍ତ୍ରୀ

(C) ଚିତ୍ତରଂଜନ ଦାସ (D) ଶତ୍ରୁଘ୍ନ ନାଥ

8. ଓଡିଆ ଭାଗବତର ଦ୍ୱାଦଶସ୍କନ୍ଧର ଅନୁବାଦକ କିଏ ?

(A) ଦ୍ୱାରିକା ଦାସ (B) ମହାଦେବ ଦାସ

(C) ଅଚ୍ୟୁତାନନ୍ଦ (D) ଜଗନ୍ନାଥ ଦାସ

9. 'ଗୁପ୍ତରତ୍ନାବତୀ'ର ଲେଖକ କିଏ ?

(A) ନରସିଂହ ସେଣ (B) ଦେବଦୁର୍ଲ୍ଲଭ ଦାସ

(C) ବନମାଳୀ ଦାସ (D) ଅର୍ଜ୍ଜୁନ ଦାସ

www.examrace.com

10. 'ଲୋଚନଟୀକା'ର ଟୀକାକାରଙ୍କ ନାମ କଣ ?

(A) ଶ୍ରୀଧର ସ୍ୱାମୀ
(B) ମଲ୍ଲୀନାଥ
(C) ଅଭିନବଗୁପ୍ତ
(D) ଉଦୟନ ଆଚାର୍ଯ୍ୟ

11. "ନୀଳିମାରେ ବାମା ଗୁନ୍ଥୁ କେଶପାଶ

ତୋ ନୀଳ ବୀଚିକୁ କଲା ଉପହାସ" - ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଅପହ୍ନୁତି
(B) ବ୍ୟତିରେକ
(C) ଅନନ୍ୱୟ
(D) ବିଭାବନା

12. 'ଶ୍ୟାମରାସୋତ୍ସବ' କାବ୍ୟର ପ୍ରଣେତା କିଏ ?

(A) ବ୍ରଜନାଥ ବଡ଼ଜେନା
(B) ଯଦୁମଣି ମହାପାତ୍ର
(C) କବିସୂର୍ଯ୍ୟ ବଳଦେବରଥ
(D) ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା

13. 'ମାଦଳାପାଞ୍ଜି'ର ପ୍ରଥମ ମୁଦ୍ରିତ ସଂକଳକ କିଏ ?

(A) ବାନାମ୍ବର ଆଚାର୍ଯ୍ୟ
(B) ପ୍ୟାରୀମୋହନ ଆଚାର୍ଯ୍ୟ
(C) ଆର୍ତ୍ତବଲ୍ଲଭ ମହାନ୍ତି
(D) ସୁଧାକର ପଟ୍ଟନାୟକ

14. ମାର୍ଜାରମୁଖୀ ଓ ବିଳାପମୁଖୀ କନ୍ୟାର କାହାଣୀ କେଉଁ ବିନୋଦ ଅନ୍ତର୍ଭୁକ୍ତ ?

(A) ରସ ବିନୋଦ
(B) ହାସ ବିନୋଦ
(C) ନୀତି ବିନୋଦ
(D) ପ୍ରୀତି ବିନୋଦ

www.examrace.com

15. 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକାର ସଂପାଦକ କିଏ ?

(A) ଆମସ୍ ସର୍ଟନ (B) ଉଇଲିୟମ କେରୀ

(C) ମାର୍ଶମାନ (D) ଚାର୍ଲସ ଲେସି

16. କଟକ ମିଶନ ପ୍ରେସ ସ୍ଥାପନାର ସମୟ ?

(A) 1830 (B) 1836

(C) 1837 (D) 1838

17. 'ଉତ୍କଳ ଭ୍ରମଣ' କାବ୍ୟର ପ୍ରଣେତା କିଏ ?

(A) ଶଶିଭୂଷଣ ରାୟ (B) ଫକୀରମୋହନ ସେନାପତି

(C) ଗୋପୀନାଥ ନନ୍ଦ (D) ମୃତ୍ୟୁଞ୍ଜୟ ରଥ

18. 'କର୍ମଯୋଗୀ ଗୌରୀଶଙ୍କର' ପୁସ୍ତକର ଲେଖକ କିଏ ?

(A) ରାମଶଙ୍କର ରାୟ (B) ଶ୍ୟାମସୁନ୍ଦର ରାଜଗୁରୁ

(C) ମୃତ୍ୟୁଞ୍ଜୟ ରଥ (D) କୃଷ୍ଣପ୍ରସାଦ ଚୌଧୁରୀ

19. 'ଉତ୍କଳପ୍ରଭା' କେଉଁଠାରୁ ପ୍ରକାଶିତ ହେଉଥିଲା ?

(A) ବାମଣ୍ଡା (B) କଟକ

(C) ବାଲେଶ୍ୱର (D) ମୟୂରଭଞ୍ଜ

www.examrace.com

20. କାଳିନ୍ଦୀଚରଣଙ୍କ 'ଲୋହିତ ବ୍ୟଥା' କେଉଁ ପ୍ରକାର କବିତା ?

(A) ବାସ୍ତବବାଦୀ
(B) ରୋମାଣ୍ଟିକ୍
(C) ପ୍ରେମମୂଳକ
(D) ଆଧ୍ୟାତ୍ମିକ

21. "ଉତ୍କଳେ ନେତାର ନାହିଁ ପ୍ରୟୋଜନ

ଉତ୍କଳର ନେତା ନିଜେ ନାରାୟଣ ।"

ଏ କବିତାଂଶଟି କେଉଁ କବିତା ପୁସ୍ତକରୁ ଉଦ୍ଧୃତ ?

(A) ଧର୍ମପଦ
(B) କାରାକବିତା
(C) ଅବକାଶ ଚିନ୍ତା
(D) ବନ୍ଦୀର ଆତ୍ମକଥା

22. "ଏହି ସହକାର ତଳେ/ସେଦିନ ପ୍ରିୟାର କରେ କଙ୍କଣ/ବେଢ଼ିଥିଲା ମୋର ଗଳେ"

କବିତା ପଙ୍କ୍ତି କେଉଁ ପ୍ରକାର କବିତା ?

(A) ସ୍ୱୈରବଦୀ
(B) ବାସ୍ତବବାଦୀ
(C) ପ୍ରଗତିବାଦୀ
(D) କାଳ୍ପନିକ

23. ନିମ୍ନଲିଖିତ ଉପନ୍ୟାସ ମଧ୍ୟରୁ କେଉଁଟି ପ୍ରଗତିବାଦୀ ରଚନା ?

(A) ମଲାଜହ୍ନ
(B) ବାସନ୍ତୀ
(C) ବାଲିରାଜା
(D) ହୋମଶିଖା

www.examrace.com

24. କଳିଚରଣଙ୍କ ନିମ୍ନୋକ୍ତ କେଉଁ ନାଟକଟି ପ୍ରଗତିବାଦୀ ଚେତନା ସମ୍ବଳିତ ?

(A) ଭାତ

(B) ଗାର୍ଲ୍‌ସ୍କୁଲ

(C) ରାହୁର ଛାୟା

(D) ଦିଗଦିହୁଡ଼ି

25. 'ସତୀ' ଗୋପିନାଥଙ୍କ କେଉଁ ଉପନ୍ୟାସର ନାୟିକା ?

(A) ଲୟବିଲୟ

(B) ମନଗହୀରର ଚାଷ

(C) ରାହୁର ଛାୟା

(D) ଦିଗଦିହୁଡ଼ି

26. 'କ' ଓ 'ଖ' ସ୍ତମ୍ଭର ସଂପର୍କ ନିରୂପଣ କର।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) ସାରଳା ଦାସ | (i) ତୁଳାଭିଣା |
| (b) ଜଗନ୍ନାଥ ଦାସ | (ii) ମନବୋଧ ଚଉତିଶା |
| (c) ଦୀନକୃଷ୍ଣ ଦାସ | (iii) ଚଣ୍ଡୀ ପୁରାଣ |
| (d) ଭକ୍ତଚରଣ | (iv) ରସବିନୋଦ |

| | (a) | (b) | (c) | (d) |
|---|---|---|---|---|
| (A) | (i) | (iii) | (iv) | (ii) |
| (B) | (iii) | (i) | (iv) | (ii) |
| (C) | (i) | (iii) | (ii) | (iv) |
| (D) | (iv) | (ii) | (i) | (iii) |

www.examrace.com

27. 'କ' ଓ 'ଖ' ସ୍ତମ୍ଭର ସଂପର୍କ ନିରୂପଣ କର।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| (a) | ଧଉଳି ପାହାଡ଼ | (i) | କୁନ୍ତଳାକୁମାରୀ |
| (b) | ଉଚ୍ଛ୍ୱାସ | (ii) | କାନ୍ତକବି ଲକ୍ଷ୍ମୀକାନ୍ତ |
| (c) | ଜୀବନ ସଂଗୀତ | (iii) | ପଦ୍ମଚରଣ |
| (d) | ଉଠ କଙ୍କାଳ | (iv) | ଗୋଦାବରୀଶ ମହାପାତ୍ର |

| | *(a)* | *(b)* | *(c)* | *(d)* |
|---|---|---|---|---|
| (A) | (iii) | (i) | (iv) | (ii) |
| (B) | (i) | (ii) | (iii) | (iv) |
| (C) | (ii) | (iii) | (i) | (iv) |
| (D) | (iv) | (ii) | (i) | (iii) |

28. "An Inspector's Call" ର ଅନୁସରଣରେ ଲିଖିତ ଓଡ଼ିଆ ନାଟକ କେଉଁଟି?

(A) ଘାଉର ମଣିଷ

(B) ବନହଂସୀ

(C) ଅରଣ୍ୟ ଫସଲ

(D) ସୁତାପଣତ୍ରେ ଦି ଦିନ

29. ପତ୍ରିକାଗୁଡ଼ିକୁ ସମୟ କ୍ରମେ ସଜାଅ :

ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ଦୀପିକା, ପ୍ରବୋଧ ଚନ୍ଦ୍ରିକା, ଉତ୍କଳ ଦର୍ପଣ

(A) ଉତ୍କଳ ଦର୍ପଣ, ଉତ୍କଳ ଦୀପିକା, ବାଲେଶ୍ୱର ସମ୍ବାଦ ବାହିକା, ପ୍ରବୋଧ ଚନ୍ଦ୍ରିକା

(B) ବାଲେଶ୍ୱର ସମ୍ବାଦ ବାହିକା, ପ୍ରବୋଧ ଚନ୍ଦ୍ରିକା, ଉତ୍କଳ ଦୀପିକା, ଉତ୍କଳ ଦର୍ପଣ

(C) ପ୍ରବୋଧ ଚନ୍ଦ୍ରିକା, ଉତ୍କଳ ଦୀପିକା, ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ଦର୍ପଣ

(D) ଉତ୍କଳ ଦୀପିକା, ପ୍ରବୋଧ ଚନ୍ଦ୍ରିକା, ଉତ୍କଳ ଦର୍ପଣ, ବାଲେଶ୍ୱର ସମ୍ବାଦ ବାହିକା

30. 'ଇନ୍ଦ୍ରଧନୁ' ପତ୍ରିକାର ପ୍ରକାଶ ସମୟ କେବେ?

(A) 1890

(B) 1895

(C) 1888

(D) 1893

31. ପ୍ରକାଶନ ସମୟାନୁସାରେ ନିମ୍ନ ଗୁରୋଟି ପୁସ୍ତକର କେଉଁ ସଜାକରଣଟି ଠିକ୍ ?

(A) ଶ୍ରୀରାଧା, ଅଷ୍ଟପଦୀ, ଅରଣା ମଇଁଷି, ଉଜ୍ଜୟିନୀ

(B) ଅଷ୍ଟପଦୀ, ଅରଣା ମଇଁଷି, ଶ୍ରୀରାଧା, ଉଜ୍ଜୟିନୀ

(C) ଶ୍ରୀରାଧା, ଉଜ୍ଜୟିନୀ, ଅରଣା ମଇଁଷି, ଅଷ୍ଟପଦୀ

(D) ଶ୍ରୀରାଧା, ଅରଣା ମଇଁଷି, ଉଜ୍ଜୟିନୀ, ଅଷ୍ଟପଦୀ

www.examrace.com

32. ନିମ୍ନୋକ୍ତ ସଜ୍ଜୀକରଣ ମଧ୍ୟରୁ କେଉଁଟି ଠିକ୍ ?

(A) ଗୋପବନ୍ଧୁ ଦାସ - ନୀଳକଣ୍ଠ ଦାସ - ଗୋପାଳ ଚନ୍ଦ୍ର ପ୍ରହରାଜ - କାନ୍ତକବି ଲକ୍ଷ୍ମୀକାନ୍ତ

(B) ନୀଳକଣ୍ଠ ଦାସ - ଗୋପାଳ ଚନ୍ଦ୍ର ପ୍ରହରାଜ - ଗୋପବନ୍ଧୁ ଦାସ - କାନ୍ତକବି ଲକ୍ଷ୍ମୀକାନ୍ତ

(C) କାନ୍ତକବି ଲକ୍ଷ୍ମୀକାନ୍ତ - ନୀଳକଣ୍ଠ ଦାସ - ଗୋପବନ୍ଧୁ ଦାସ - ଗୋପାଳ ଚନ୍ଦ୍ର ପ୍ରହରାଜ

(D) ଗୋପାଳ ଚନ୍ଦ୍ର ପ୍ରହରାଜ - ଗୋପବନ୍ଧୁ ଦାସ - ନୀଳକଣ୍ଠ ଦାସ - କାନ୍ତକବି ଲକ୍ଷ୍ମୀକାନ୍ତ

33. ନିମ୍ନଲିଖିତ ସାହିତ୍ୟିକ ଅନୁଷ୍ଠାନମାନଙ୍କ ସଜ୍ଜୀକରଣ ମଧ୍ୟରୁ କେଉଁଟି ଠିକ୍ ?

(A) ନୀଳକଣ୍ଠ ସ୍ମୃତି ସମିତି - ଲେଖକ ସମବାୟ ସମିତି - ସାରଳା ସାହିତ୍ୟ ସଂସଦ - ପ୍ରଜାତନ୍ତ୍ର ପ୍ରଚାର ସମିତି

(B) ଲେଖକ ସମବାୟ ସମିତି - ନୀଳକଣ୍ଠ ସ୍ମୃତି ସମିତି - ସାରଳା ସାହିତ୍ୟ ସଂସଦ - ପ୍ରଜାତନ୍ତ୍ର ପ୍ରଚାର ସମିତି

(C) ପ୍ରଜାତନ୍ତ୍ର ପ୍ରଚାର ସମିତି - ନୀଳକଣ୍ଠ ସ୍ମୃତି ସମିତି - ଲେଖକ ସମବାୟ ସମିତି - ସାରଳା ସାହିତ୍ୟ ସଂସଦ

(D) ସାରଳା ସାହିତ୍ୟ ସଂସଦ - ନୀଳକଣ୍ଠ ସ୍ମୃତି ସମିତି - ଲେଖକ ସମବାୟ ସମିତି - ପ୍ରଜାତନ୍ତ୍ର ପ୍ରଚାର ସମିତି

34. ନିମ୍ନୋକ୍ତ ପୁସ୍ତକମାନଙ୍କ ମଧ୍ୟରୁ କେଉଁଟି ଶାରଳା ପୁରସ୍କାର ପ୍ରାପ୍ତ ?

(A) ସୁମିତ୍ରାର ଛନ୍ଦ
(B) ଅନ୍ୟରୂପ ରୂପାନ୍ତର
(C) ସେକାଳ ପଖାଳ
(D) ଅଭିଶପ୍ତ ଗର୍ନ୍ଧବ

35. ପ୍ରଥମ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡିଆ ପୁସ୍ତକ କେଉଁଟି ?

(A) କା'
(B) ଅମୃତର ସନ୍ତାନ
(C) ପାଟ ଦେଇ
(D) ଚଳନ୍ତି ଠାକୁର

www.examrace.com

36. ନିମ୍ନ ପଦ୍ୟାଂଶର ଆଳଙ୍କାରିକ ବୈଶିଷ୍ଟ୍ୟ ନିରୂପଣ କର।

ମିଶିଯାଏ ଯଥା ପ୍ରଭାତୀ ତାରା ରବି କରିଣେ

ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ।

(A) ରୂପକ

(B) ଉତ୍ପ୍ରେକ୍ଷା

(C) ନିଦର୍ଶନା

(D) ଉପମା

37. ଆରେ ଆରେ ପଳାୟନ ପନ୍ଥୀ

କାହିଁ ଆଜି ଯିବୁ ତୁରେ ଛିନ୍ନକରି ଧରଣୀର ଗ୍ରନ୍ଥି

କାହିଁ ଭୀରୁ ନେବୁ ରେ ଆଶ୍ରୟ

ତୋର ସେହି କୁଞ୍ଜବନ ତୋତେ ଦେବ ପାରେକି ଅଭୟ! -

ଏହି କବିତାଂଶରେ ଭୀରୁ ବୋଲି କାହାକୁ କୁହାଯାଇଛି ?

(A) ରୋମାଣ୍ଟିକ - ବାସ୍ତବବାଦୀ କବି

(B) ସବୁଜ କବି

(C) ଛାୟାବାଦୀ କବି

(D) ରହସ୍ୟବାଦୀ କବି

38. 'ମେଘଦୂତ'କୁ କିଏ ପ୍ରଥମେ ଓଡିଆରେ ଅନୁବାଦ କରିଥିଲେ ?

(A) ମଧୁସୂଦନ ରାଓ

(B) ଗଙ୍ଗାଧର ମେହେର

(C) ରାଧାମୋହନ ଗଡ଼ନାୟକ

(D) ରାଧାନାଥ ରାୟ

www.examrace.com

39. "ବପ୍ର କୋଳେ ହର୍ଷଭୋଳେ କେଳି କରୁଛି କି ମତଙ୍ଗମ" ?

ଏ କବିତାଂଶରେ କେଉଁ ଛନ୍ଦ ପ୍ରଯୁକ୍ତ ହୋଇଛି ?

(A) ମୁକ୍ତ ଛନ୍ଦ (B) ଅକ୍ଷର ମାତ୍ରିକ ଛନ୍ଦ

(C) ମାତ୍ରାବୃତ୍ତ ଛନ୍ଦ (D) ପୟାର ଛନ୍ଦ

40. 'ଚିଲିକା' କାବ୍ୟରେ କାହାକୁ 'ବୁଧ ହଂସ କେଳି ସର' ବୋଲି କୁହାଯାଇଛି ?

(A) ମୟୂରଭଞ୍ଜ (B) ଆଠଗଡ଼

(C) ଖଡ଼ିଆଳ (D) ବାଙ୍କୀ

41. ପ୍ରତିକବାଦୀ ଆନ୍ଦୋଳନ ପ୍ରଥମେ କେଉଁ ଦେଶରେ ଆରମ୍ଭ ହୋଇଥିଲା ?

(A) ଇଂଲଣ୍ଡ (B) ଫ୍ରାନ୍ସ

(C) ଜର୍ମାନୀ (D) ଗ୍ରୀସ୍

42. "ଲୁହ ଦେଇ ଆମେ ଗଢ଼ିଲୁ ରାଇଜ ରଜା,

ଲହୁ ଦେଇ ଆଜି ହଟିଆର ତୋର ଗଜା ।"

ଉପର ଲିଖିତ ଉଦ୍ଧୃତିର କବି କିଏ ?

(A) ସଚ୍ଚିଦାନନ୍ଦ ରାଉତରାୟ (B) ଅନନ୍ତ ପଟ୍ଟନାୟକ

(C) ରଘୁନାଥ ଦାସ (D) କାଳିନ୍ଦୀ ଚରଣ ପାଣିଗ୍ରାହୀ

www.examrace.com

43. ଦୁନିଆଟା ଖାଲି ଛାତିର ଖେଳ, ଯେ ଭାବେ, ଯେ ପାରେ ସେ ଭୋଗ କରେ, ଜୀବନର ସୁଆଦ ପାଏ, ଯେ ନପାରେ ସେ ପରକୁ କଟା ସମ୍ପା କରେ । ଏହା କାହାର ଗଦ୍ୟ ରଚନା ?

(A) କାହ୍ନୁଚରଣ ମହାନ୍ତି
(B) ଜ୍ଞାନୀନ୍ଦ୍ର ବର୍ମା
(C) ଗୋପୀନାଥ ମହାନ୍ତି
(D) ରାଜକିଶୋର ପଟ୍ଟନାୟକ

44. କାହାର ମାନ ଇଜ୍ଜତ ତମେ ରଖିଲ ଜଗନ୍ନାଥ!

ମାନ ଉଦ୍ଧାରଣ ବାନା ଉଡ଼ାଇ ନିଜର ମାନ ତ ସୁଦ୍ଧା ରକ୍ଷା କରି ପାରିଲ ନାହିଁ ତମେ ? ସେତେବେଳେ ମୋ ମାନ ବା କଅଣ ରକ୍ଷା କରନ୍ତ ତମେ ? -

ଶ୍ରୀ ଜଗନ୍ନାଥଙ୍କ ପ୍ରତି ଏହି ଆକ୍ଷେପୋକ୍ତି କେଉଁ ଉପନ୍ୟାସରେ ଲିଖିତ ?

(A) ଅନ୍ନପୂର୍ଣ୍ଣା
(B) କଳାପାହାଡ଼
(C) ରୋଡଙ୍ଗ ବହ୍ନି
(D) ନୀଳ ଶୈଳ

45. କହ୍ଲଣଙ୍କର ରଚିତ ବିଖ୍ୟାତ କୃତି କେଉଁଟି ?

(A) ବୁରୁଞ୍ଜି
(B) ମାଦଳା ପାଞ୍ଜି
(C) ରାଜ ତରଙ୍ଗିଣୀ
(D) ଚୌର ପଞ୍ଚାଶିକା

46. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଉପରେ କେଉଁ କାବ୍ୟର ପ୍ରଭାବ ପଡ଼ିଛି ?

(A) କୁମାର ସମ୍ଭବ କାବ୍ୟ
(B) କିରାତାର୍ଜ୍ଜୁନୀୟ କାବ୍ୟ
(C) ଜଗନ୍ନାଥ ବଲ୍ଲଭ ନାଟକ
(D) ବିଦଗ୍ଧ ମାଧବ ନାଟକ

www.examrace.com

47. 'ହାତୀକୁ ହୋମିଓପାଥି' - ନାଟକର ରଚୟିତା କିଏ ?

(A) ବିଜୟ ମିଶ୍ର
(B) ରତ୍ନାକର ଚଇନି
(C) କାର୍ତ୍ତିକ ଚନ୍ଦ୍ର ରଥ
(D) ରମେଶ ପ୍ରସାଦ ପାଣିଗ୍ରାହୀ

48. ଭ୍ରମଣ ବୃତ୍ତାନ୍ତ 'ବିପୁଳାଚ ପୃଥ୍ୱୀ' କାହାର ରଚନା ?

(A) କୁଞ୍ଜବିହାରୀ ଦାଶ
(B) ଶ୍ରୀ ହର୍ଷ ମିଶ୍ର
(C) ଭୁବନେଶ୍ୱର ବେହେରା
(D) ମନୋଜ ଦାସ

49. 'ସଖାହୀନ ପଞ୍ଚସଖା' ଗ୍ରନ୍ଥର ଲେଖକ କିଏ ?

(A) ଚିତ୍ତରଞ୍ଜନ ଦାସ
(B) କୃଷ୍ଣଚରଣ ସାହୁ
(C) ବଂଶୀଧର ମହାନ୍ତି
(D) ନଟବର ସାମନ୍ତରାୟ

50. 'ଦାରୁଦେବତା' ଗବେଷଣା ଗ୍ରନ୍ଥର ରଚୟିତା କିଏ ?

(A) କାହ୍ନୁଚରଣ ମିଶ୍ର
(B) ବାସୁଦେବ ସାହୁ
(C) ବେଣୀମାଧବ ପାଢ଼ୀ
(D) ଗଙ୍ଗାଧର ବଳ

- o 0 o -

www.examrace.com